# NATIONAL NEWS BULLETIN (ODIA)

## 3 December - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୌସେନା ଦିବସ ଅବସରରେ ଆଜି ଅପରାହ୍ଣରେ ତିରୁବନନ୍ତପୁରମ୍‌ରେ ଅନୁଷ୍ଠିତ ହେବ ନୌସେନା ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମ, ଯୋଗଦେବେ ରାଷ୍ଟ୍ରପତି ।
- ନିର୍ବାଚନୀ ସଂସ୍କାର ଉପରେ ଆସନ୍ତା ମଙ୍ଗଳବାର ଲୋକସଭାରେ ହେବ ସ୍ୱତନ୍ତ୍ର ଆଲୋଚନା, କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।
- କାଶୀ-ତାମିଲ୍ ସଂଗମମ୍‌ର ଚତୁର୍ଥ ସଂସ୍କରଣରେ ଯୋଗଦେବା ଲାଗି କାଶୀରେ ପହଞ୍ଚିଲେ ତାମିଲନାଡୁର ପ୍ରଥମ ପ୍ରତିନିଧି ମଣ୍ଡଳୀ ।
- ଆନ୍ତର୍ଜାତିକ ଆଇଡିଆ ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିବେ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ।

ଏବଂ

- ରାୟପୁର ଠାରେ ଆଜି ଖେଳାଯିବ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ।

## ପ୍ରେସିଡେଣ୍ଟ-କେରଳା

ନୌସେନା ଦିବସ ଅବସରରେ ଆଜି ଅପରାହ୍ଣରେ ତିରୁବନନ୍ତପୁରମ୍‌ରେ ନୌସେନା ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ତିରୁବନନ୍ତପୁରମ୍ ନିକଟସ୍ଥ ସଙ୍ଗୁମୁଘମ ବେଳାଭୂମି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ହୋଇଛି । ଅପରାହ୍ଣରେ ତିରୁବନନ୍ତପୁରମ୍ ଆନ୍ତର୍ଜାତିକ ବିମାନ ବନ୍ଦରରେ ରାଷ୍ଟ୍ରପତି ପହଞ୍ଚିବା ପରେ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବେଳାଭୂମିକୁ ଗସ୍ତ କରିବେ ।

ଏମ୍.ଏଚ୍.-୬୦ଆର୍. ହେଲିକପ୍ଟର ବେଳାଭୂମିରେ ରାଷ୍ଟ୍ରପତିଙ୍କୁ ଏକ ଭବ୍ୟ ଅଭିବାଦନ ପ୍ରଦାନ କରିବ ବୋଲି ଆମ ସମ୍ବାଦଦାତା କହିଛନ୍ତି । ନୌସେନାର ଶକ୍ତି ଏବଂ ଯୁଦ୍ଧ ପ୍ରସ୍ତୁତି ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହେବ । ୧୯ଟି ପ୍ରମୁଖ ଯୁଦ୍ଧ ଜାହାଜ ଏବଂ ୩୨ଟି ବିମାନ ଏଥିରେ ସାମିଲ ହୋଇଛି । କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତି ଲୋକଭବନକୁ ଗସ୍ତ କରିବେ ଏବଂ ଆସନ୍ତାକାଲି ସକାଳେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ରିଜିଜୁ ବ୍ରିଫିଙ୍ଗ୍

ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଉପରେ ଲୋକସଭାରେ ଆସନ୍ତା ୮ ତାରିଖ ସୋମବାରେ ବିଶେଷ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି । ନିର୍ବାଚନ ସଂସ୍କାର ଉପରେ ୯ ଓ ୧୦ ତାରିଖରେ ଆଲୋଚନା ହେବ ବୋଲି ସ୍ଥିର

ହୋଇଛି । ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି । ସୋମବାର ଦିନ ମଧ୍ୟାହ୍ନ ୧୨ଟାରେ ଜାତୀୟ ଗୀତ ବନ୍ଦେ ମାତରମ୍ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନା ଆରମ୍ଭ କରିବେ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

**V/O-Rijiju**

ଲୋକସଭାରେ ଏହି ଆଲୋଚନା ଶେଷ ହେବା ପରେ ରାଜ୍ୟସଭାରେ ମଧ୍ୟ ଆଲୋଚନା ପାଇଁ ସରକାରଙ୍କ ତରଫରୁ ପ୍ରସ୍ତାବ ଆଗତ କରାଯିବ ବୋଲି ସେ କହିଛନ୍ତି ।

ଶ୍ରୀ ରିଜିଜୁ କହିଛନ୍ତି, ନିର୍ବାଚନ ସଂସ୍କାର ଏକ ବୃହତ ପ୍ରସଙ୍ଗ । ତେବେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏକ ପ୍ରଶାସନିକ ପ୍ରସଙ୍ଗ ଏବଂ ଏହା ଉପରେ ନିର୍ବାଚନ କମିଶନ୍ ନିଷ୍ପତ୍ତି ଗ୍ରହଣ କରିଥାନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ।

## କାଶୀ-ତାମିଲ୍ ସଙ୍ଗମମ୍

ଉତ୍ତରପ୍ରଦେଶର ବାରାଣାସୀଠାରେ କାଶୀ-ତାମିଲ୍ ସଙ୍ଗମମ୍‌ର ଚତୁର୍ଥ ସଂସ୍କରଣ ଗତକାଲି ଆରମ୍ଭ ହୋଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନମୋ ଘାଟଠାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିଲେ । ଶ୍ରୀ ପ୍ରଧାନ କହିଛନ୍ତି, ଉତ୍ତର ଏବଂ ଦକ୍ଷିଣ ଭାରତ ମଧ୍ୟରେ ଏକ ସାଂସ୍କୃତିକ ସେତୁ ଗଠନ କରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ସହିତ ୨୦୨୨ରେ ସଙ୍ଗମମ୍‌ର

ପ୍ରଥମ ସଂସ୍କରଣ ଆରମ୍ଭ ହୋଇଥିଲା । ଏହି ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କକୁ ବହୁଗୁଣିତ କରିଛି । ଭାରତର ବହୁଭାଷୀ ଅଞ୍ଚଳ ଏହାର ଶକ୍ତି ଏବଂ ଏହି କାର୍ଯ୍ୟକ୍ରମ ଏକ ଜନ ଆନ୍ଦୋଳନରେ ପାଲଟିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

**V/O-Pradhan**

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି କାର୍ଯ୍ୟକ୍ରମକୁ ଭାଷା, ସଂସ୍କୃତି ଏବଂ ପରମ୍ପରାର ଏକ ମହାନ ସଙ୍ଗମ ଭାବରେ ବର୍ଣ୍ଣନା କରିଛନ୍ତି । ଏକ ଭାରତ ଶ୍ରେଷ୍ଠ ଭାରତ ଭାବନାକୁ ଏହା ସୁଦୃଢ଼ କରୁଛି ବୋଲି ସେ କହିଛନ୍ତି ।

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ ନମୋ ଘାଟରେ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ ଦ୍ୱାରା  ପ୍ରସ୍ତୁତ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି । ତାମିଲ୍ ଭାଷା ଏବଂ ସଂସ୍କୃତିକୁ ପ୍ରଚାର ଓ ପ୍ରସାର କରିବା ସହ ବିବିଧତା ମଧ୍ୟରେ ଏକତାକୁ ପ୍ରତିପାଦନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ମୁରୁଗାନ୍ କହିଛନ୍ତି ।

ତାମିଲନାଡୁର ପ୍ରଥମ ପ୍ରତିନିଧି ଦଳ ଗତକାଲି କାଶୀରେ ପହଞ୍ଚିବା ସହ ଆଜି କେତେକ କାର୍ଯ୍ୟକ୍ରମରେ ସାମିଲ ହେବେ । ୫୦ ଜଣ ତାମିଲ ସାହିତ୍ୟ ବିଶେଷଜ୍ଞ, ୫୪ ଜଣ ସାଂସ୍କୃତିକ ବିଦ୍ୱାନ ଛାତ୍ର, ଶିକ୍ଷକ, କାରିଗର, ଶାସ୍ତ୍ରୀୟ ଗାୟକ, ଆଚାର୍ଯ୍ୟ ଏବଂ ଆଧ୍ୟାତ୍ମିକ ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ମିଶାଇ ୨୧୬ ଜଣ ଏହି ପ୍ରତିନିଧି ମଣ୍ଡଳୀରେ ଆସିଛନ୍ତି । ମହାକବୀ ଭାରତୀଙ୍କ ଦୃଷ୍ଟିକୋଣ ବହୁଭାଷୀ ଭାରତ, ତାମିଲ ଏବଂ ସଂସ୍କୃତ ସମୃଦ୍ଧ ପରମ୍ପରା ଉପରେ ଏହି ଅବସରରେ ଆଲୋଚନା ବୈଠକ ହେବାର କାର୍ଯ୍ୟସୂଚୀ ରହିଛି ।

## ଇଣ୍ଡିଆ-ଚେୟାର୍ ଆଇଡିଆ

ଭାରତକୁ ପ୍ରଥମଥର ପାଇଁ ଇଣ୍ଟରନ୍ୟାସନାଲ୍ ଆଇଡିଆ ଅର୍ଥାତ୍ ଗଣତନ୍ତ୍ର ଓ ଭୋଟର ସହାୟତା ଆନ୍ତର୍ଜାତିକ ପ୍ରତିଷ୍ଠାନ ପକ୍ଷରୁ ଅଧ୍ୟକ୍ଷତା ପାଇଁ ନିମନ୍ତ୍ରଣ କରାଯାଇଛି । ଭାରତ ପକ୍ଷରୁ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଆଜି ସ୍ୱିଡେନ୍‌ର ଷ୍ଟକ୍‌ହୋମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପଦ ଗ୍ରହଣ କରିବେ । ଶ୍ରୀ କୁମାର କହିଛନ୍ତି, ସମଗ୍ର ବିଶ୍ୱ ଭାରତରେ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନର ସଫଳତା ବିଷୟରେ ଜାଣିଛି ।

୧୯୯୫ ମସିହାରେ ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ୍ ଆଇଡିଆ ଏକ ଆନ୍ତଃ ସରକାରୀ ସଂଗଠନରେ ୩୭ଟି ଦେଶ ପର୍ଯ୍ୟବେକ୍ଷକ ସଦସ୍ୟ ରହିଛନ୍ତି । ୨୦୦୩ ମସିହାରୁ ଏହି ସଂସ୍ଥା ଜାତିସଂଘ ସାଧାରଣ ସଭାରେ ପର୍ଯ୍ୟବେକ୍ଷକ ପଦବୀ ଗ୍ରହଣ କରିଛି । ଭାରତ ଆନ୍ତର୍ଜାତିକ ଆଇଡିଆର ପ୍ରତିଷ୍ଠାତା ସଦସ୍ୟ ଏବଂ ପରିଚାଳନା ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଆସିଛି ।

## ପ୍ରେଜ୍-ପର୍ସନ୍ ଓ୍ୱିଥ୍ ଡିଜାବେଲ୍‌ଟିସ୍

ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ । ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ ଏବଂ ପ୍ରତିଷ୍ଠାନକୁ ରାଷ୍ଟ୍ରପତି ଜାତୀୟ ପୁରସ୍କାର ପ୍ରଦାନ କରିବେ । ସମାଜରେ ଦିବ୍ୟାଙ୍ଗଙ୍କୁ ସମ୍ମାନ ପ୍ରଦର୍ଶନ କରିବା, ସଶକ୍ତ କରିବା ଏବଂ ସେମାନଙ୍କ ଯାତ୍ରାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ

ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଦିବ୍ୟାଙ୍ଗ ଛାତ୍ରଛାତ୍ରୀ, ବରିଷ୍ଠ କୂଟନୀତିଜ୍ଞ, ଶିଳ୍ପ ଅଂଶିଦାର, ସରକାରୀ ଅଧିକାରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଆଜି ପାଳନ କରାଯାଉଛି । ଆକାଶବାଣୀର ପଡ଼କାଷ୍ଟ ସିରିଜ୍ ଗଳ୍ପ ପଛର ବ୍ୟକ୍ତିର ଅଂଶ ସ୍ୱରୂପ ଆଜି ଏଭରେଷ୍ଟ ଆରୋହଣ କରିଥିବା ବିଶ୍ୱର ପ୍ରଥମ ଦୃଷ୍ଟିହୀନ ମହିଳା ଛୋଞ୍ଜିନ୍ ଆଙ୍ଗମୋଙ୍କ ସହ ଏକ ସାକ୍ଷାତକାର ପ୍ରସାରଣ କରାଯିବ । ଏଫ୍.ଏମ୍. ଗୋଲ୍ଡ ଚ୍ୟାନେଲ୍‌ରେ ସକାଳ ୯ଟା ୧୦ ମିନିଟ୍‌ରେ ଏହି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । ଅପରାହ୍ଣ ସାଢ଼େ ୫ଟାରେ କାର୍ଯ୍ୟକ୍ରମର ପୁନଃ ପ୍ରସାରଣ କରାଯିବ ।

## ଏନ୍‌ଏଚ୍‌ଏଆଇ-ଜିଓ ଏଗ୍ରିମେଣ୍ଟ

ଜାତୀୟ ରାଜପଥ ଗୁଡ଼ିକରେ ଟେଲିକମ୍ ଆଧାରିତ ସୁରକ୍ଷାସତର୍କତା ପ୍ରଣାଳୀ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ରିଲାନ୍ସ ଜିଓ ଏବଂ ଏନ୍.ଏଚ୍.ଏ.ଆଇ. ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସଡ଼କ ପରିବନ ଓ ରାଜପଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଏଭଳି ପଦକ୍ଷେପ ଜାତୀୟ ରାଜପଥ ବ୍ୟବହାରକାରୀଙ୍କୁ ସମୟୋଚିତ ସୂଚନା ପ୍ରଦାନ କରିବା ସହ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ । ଯାତ୍ରୀମାନେ

ଏସ୍.ଏମ୍.ଏସ୍., ହ୍ୱାଟସ୍ଆପ୍ ଏବଂ ପ୍ରାଥମିକତା ଭିତ୍ତିକ କଲ୍ ମାଧ୍ୟମରେ ମୋବାଇଲ୍ ଫୋନ୍‌ରେ ଆଗୁଆ ସତର୍କ ସୂଚନା ପାଇପାରିବେ । ଏନ୍.ଏଚ୍.ଏ.ଆଇ.ର ଡିଜିଟାଲ୍ ପ୍ଲାଟ୍‌ଫର୍ମ ସହିତ ପର୍ଯ୍ୟାୟ କ୍ରମେ ଏହି ବ୍ୟବସ୍ଥାକୁ ସାମିଲ କରାଯିବ । ସ୍ୱୟଂଚାଳିତ ବ୍ୟବସ୍ଥା, ଜାତୀୟ ରାଜପଥ କିମ୍ବା ନିକଟରେ ଥିବା ସମସ୍ତ ଜି.ଓ. ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ ଏହା କାର୍ଯ୍ୟ କରିବ ବୋଲି ମନ୍ତ୍ରଣାଳୟ କହିଛି । ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ପ୍ରବେଶ କରିବା ପୂର୍ବରୁ ଯାତ୍ରୀଙ୍କୁ ଏହି ପଦକ୍ଷେପ ମାଧ୍ୟମରେ ସତର୍କ ସୂଚନା ପ୍ରଦାନ କରାଯାଇ ପାରିବ ବୋଲି ମନ୍ତ୍ରଣାଳୟ କହିଛି ।

## ଜୟଶଙ୍କର-କଲମ୍ବୋ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତୀୟ ବାୟୁସେନାର ଆଇ.ଏ.ଏଫ୍.ସି.-୧୭ ପରିବହନ ବିମାନ ଏକ ସ୍ୱୟଂ ସମ୍ପୂର୍ଣ୍ଣ ମଡ୍ୟୁଲାର୍ ହସ୍ପିଟାଲ୍ ବ୍ୟବସ୍ଥା, ୭୦ରୁ ଅଧିକ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ଏବଂ ଅତ୍ୟାବଶ୍ୟକ ଯାନବାହନ ନେଇ ଗତକାଲି କଲମ୍ବୋରେ ଅବତରଣ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବାତ୍ୟା ଦିତ୍‌ୱା ପ୍ରଭାବିତ ଶ୍ରୀଲଙ୍କାର ବିଭିନ୍ନ ଅଞ୍ଚଳରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଭାରତ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିଆସୁଛି । ବିଦେଶୀ ନାଗରୀକ, ଗୁରୁତର ରୋଗୀ ଏବଂ ଜଣେ ଗର୍ଭବତୀ ମହିଳାଙ୍କୁ ମିଶାଇ ୬୫ ଜଣ ଲୋକଙ୍କୁ ଇତିମଧ୍ୟରେ ଉଦ୍ଧାର କରାଯାଇଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

# ନଡ୍ଡା ଟିବି ମୋର୍ଟାଲିଟି

ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଭାରତରେ ଯକ୍ଷ୍ମା ମୃତ୍ୟୁହାର ହ୍ରାସ ପାଇଛି । ନୂଆଦିଲ୍ଲୀର ସମ୍ପ୍ରସାରିତ ସଂସଦ ଭବନ ଆନେକ୍ସ ପ୍ରେକ୍ଷାଳୟଠାରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅଧୀନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଂସଦ ସଦସ୍ୟଙ୍କୁ ସମ୍ବୋଧନ କରି ଶ୍ରୀ ନଡ୍ଡା କହିଛନ୍ତି, ୨୦୧୫ରେ ଯକ୍ଷ୍ମା ମୃତ୍ୟୁହାର ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୮ ଥିବା ବେଳେ ୨୦୨୪ରେ ଏହା ହ୍ରାସ ପାଇ ୨୧ରେ ପହଞ୍ଚିଛି । ଯକ୍ଷ୍ମା ମୁକ୍ତ ଭାରତ ଗଠନ ଦିଗରେ ସଂସଦ ସଦସ୍ୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି । ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ସମୀକ୍ଷା କରିବା ସହ ଏ ନେଇ ସଚେତନତା ସୃଷ୍ଟି ଏବଂ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଶ୍ରୀ ନଡ୍ଡା ସଂସଦ ସଦସ୍ୟଙ୍କୁ ଅନୁରୋଧ କରିଛନ୍ତି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଉତ୍ତରପ୍ରଦେଶର ପ୍ରାୟ ୬୦ ଜଣ ସଂସଦ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଗତ ୧୦ ବର୍ଷ ମଧ୍ୟରେ ଯକ୍ଷ୍ମାମୁକ୍ତ ଭାରତ ଗଠନ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ବୈଠକରେ ସଦସ୍ୟଙ୍କୁ ଅବଗତ କରାଯାଇଛି ।

# କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ଚଳିତ ପୁରୁଷ ବର୍ଗ ଦିନିକିଆ ଆନ୍ତର୍ଜାତିକି କ୍ରିକେଟ୍ ମ୍ୟାଚ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ରାୟପୁରଠାରେ ଖେଳାଯିବ ।

ସହିଦ୍ ବୀର୍ ନାରାୟଣ ସିଂହ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଅପରାହ୍ଣ ସାଢ଼େ ଗୋଟାଏରେ ଆରମ୍ଭ ହେବ । ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୧୭ରନ୍‌ରେ ପରାସ୍ତ କରି ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।